**ଫୁଟବଲ ମ୍ୟାଚ: ତଳକିଆ ପଞ୍ଚାୟତ ଟିମ୍ ବିଜୟୀ**

ଔପଦା: ବାଲେଶ୍ୱର ଜିଲା ଔପଦା ହାଇସ୍କୁଲ ପଡ଼ିଆରେ ଶନିବାର ଅନୁଷ୍ଠିତ ଫୁଟବଲ ମ୍ୟାଚ ତଳକିଆ ପଞ୍ଚାୟତ ଓ ବଡ଼ପୋଖରୀ ପଞ୍ଚାୟତ ଟିମ୍ ମଧ୍ୟରେ ହୋଇଥିଲା। ଦୁଇ ଦଳର ଖେଳାଳୀଙ୍କ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିବା ବେଳେ ଶେଷରେ ତଳକିଆ ପଞ୍ଚାୟତ ଟିମ୍ ୦-୨ ଗୋଲରେ ବିଜୟୀ ହୋଇଛି। ବ୍ଲକ ପ୍ରଶାସନ ପକ୍ଷରୁ ବିଜୟୀ ତଳକିଆ ପଞ୍ଚାୟତ ଟିମ୍‌କୁ ସିଲଡ଼ ଓ ପ୍ରତିଦ୍ୱନ୍ଦ୍ୱୀ ବଡ଼ପୋଖରୀ ଦଳକୁ କପ୍ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି।

# ମୟୂରଭଞ୍ଜ, ବାଲେଶ୍ୱରରେ ହକି ବିଶ୍ୱକପ୍ ଟ୍ରଫି ପରିକ୍ରମା

## ଆଦିବାସୀ ପାରମ୍ପରିକ ନୃତ୍ୟଗୀତରେ ସ୍ୱାଗତ



**ବାରିପଦା ଅଫିସ/ରାଇରଙ୍ଗପୁର,୮।୧(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ପୁରୁଷ ବିଶ୍ୱକପ୍ ହକି ଟ୍ରଫି ଓ ମାସ୍କଟ ଓଲିକୁ ଦୁଇଦିନ ଧରି ଭବ୍ୟ ସ୍ୱାଗତ କରାଯାଇଛି। ବାଜାବାଣ, ରୋଷଣି ଓ ନୃତ୍ୟଗୀତରେ ବାରିପଦା ସହର ଉତ୍ସବମୁଖର ହୋଇଥିଲା। ରବିବାର ସକାଳେ ସର୍କିଟ ହାଉସରୁ ଏକ ମିନି ମାରାଥନ ବାହାରିଥିଲା। ଆଦିବାସୀ ପାରମ୍ପରିକ ନୃତ୍ୟଗୀତ ଓ ବାଦ୍ୟରେ ଟ୍ରଫିକୁ ସହର ପରିକ୍ରମା କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବର୍ଣ୍ଣାଢ୍ୟ ପରିବେଶରେ ବିଭିନ୍ନ ସଙ୍ଗଠନ, ଛାତ୍ରୀଛାତ୍ର, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ସହରବାସୀ ଟ୍ରଫିକୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ।

ଶନିବାର କେନ୍ଦୁଝର ଜିଲା ପ୍ରଶାସନ ଟ୍ରଫିକୁ ହସ୍ତାନ୍ତର କରିବା ପରେ ବାମନଘାଟୀ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ରାଇରଙ୍ଗପୁର କଲେଜ ଛକରେ ପହଞ୍ଚିବା ପରେ ବିଜୁ ପଟ୍ଟନାୟକ ଛକଠାରୁ ରାଇରଙ୍ଗପୁର ଷ୍ଟାଡ଼ିୟମ ପର୍ଯ୍ୟନ୍ତ ପାରମ୍ପରିକ ଲୋକନୃତ୍ୟ, ଆଦିବାସୀ ନୃତ୍ୟ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ଶୋଭାଯାତ୍ରାରେ କଚେରି ପଡ଼ିଆକୁ ପାଛୋଟି ନିଆଯାଇଥିଲା। ଏହି ସମୟରେ ରାଇରଙ୍ଗପୁର ଉପଜିଲାପାଳ ସରୋଜ ଦାସ, ଅତିରିକ୍ତ ଜିଲାପାଳ ହେମନ୍ତ ସିଂ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ବିଧାୟକ ନବଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ରାତି ୯ରେ ବାରିପଦା ପହଞ୍ଚିବା ପରେ ବାରିପଦା ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇ ଷ୍ଟେସନ୍‌ବଜାର ସର୍କିଟ ହାଉସରେ ରଖାଯାଇଥିଲା। ରବିବାର ଏକ ଆଦିବାସୀ ପାରମ୍ପରିକ ନୃତ୍ୟଗୀତ ସହ ପଟୁଆରରେ ବାହାରି ବାରିପଦା ସହର ପରିକ୍ରମା କରାଯାଇଥିଲା। ସହରର ପାଲବଣୀ, କୃଷ୍ଣଚନ୍ଦ୍ର ଗୋଲେଇ, ପିଆରଏମ ମେଡିକାଲ ସମ୍ମୁଖ, ବିଜୁ ପଟ୍ଟନାୟକ ଗୋଲେଇ, ଜିଲାପାଳ ଅଫିସ ଦେଇ ଟ୍ରଫିକୁ ଷ୍ଟାଡ଼ିୟମ ପରିସରକୁ ନିଆଯାଇ ସ୍ୱତନ୍ତ୍ର ମଣ୍ଡପରେ ସ୍ଥାନିତ କରାଯାଇଥିଲା। ହଜାରରୁ ଊର୍ଦ୍ଧ୍ୱ ଲୋକେ ଏକତ୍ରିତ ହୋଇ ଫୁଲ ଚନ୍ଦନ, ଶଙ୍ଖ ହୁଳହୁଳି ଦେଇ ଟ୍ରଫିକୁ ସ୍ୱାଗତ ଜଣାଇଥିଲେ। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଜିଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ପ୍ରାକ୍ତନମନ୍ତ୍ରୀ ତଥା ବାଙ୍ଗରିପୋଷି ବିଧାୟକ ସୁଦାମ ମାରାଣ୍ଡି, ମୋରଡ଼ା ବିଧାୟକ ରାଜକିଶୋର ଦାସ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁ, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ଏସ୍‌ପି ରଷିକେଶ ଦ୍ୟାନଦେଓ ଖିଲାରୀ, ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ(ରାଜସ୍ୱ) ଓ ରୁଦ୍ର ନାରାୟଣ ମହାନ୍ତି(ସାଧାରଣ), ସଦର ଉପଜିଲାପାଳ ବସନ୍ତ ସେଠୀ, ପିଡିଡିଆରଡିଏ ଦୌଲତ ଚନ୍ଦ୍ରକାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଫୁଟବଲ୍ ଟୁର୍ନମେଣ୍ଟରେ ଚାମ୍ପିୟନ, ରନର୍ସଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଟ୍ରଫି ଓ ପୁରସ୍କୃତ କରାଯାଇଥିଲା। ମାରାଥନ ଦୌଡ଼ରେ କ୍ରମାଗତ ତିନିଜଣଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପୁରସ୍କୃତ କରାଯାଇଥିଲା। ପରେ ଟ୍ରଫିକୁ ନେଇ ବେଲଗଡ଼ିଆ, ମା' ଅମ୍ବିକା ମନ୍ଦିର, ପ୍ରଭୁ ଜଗନ୍ନାଥ ମନ୍ଦିର ଓ ପାଲବଣୀ ଦେଇ ବାଲେଶ୍ୱର ଅଭିମୁଖେ ଯାଇଥିଲା। ୧୮ନଂ ଜାତୀୟ ରାଜପଥର ବେତନଟୀ ଓ ବୈଶିଙ୍ଗଠାରେ ସ୍ୱାଗତ କରାଯାଇ କଳମାଠାରେ ବାଲେଶ୍ୱର ପ୍ରଶାସନକୁ ଟ୍ରଫି ହସ୍ତାନ୍ତର କରାଯାଇଥିଲା।

## ସଚେତନତା ପାଇଁ ମିନି ମାରାଥନ୍



ହକି ବିଶ୍ୱକପ୍ ଟ୍ରଫି ବାଲେଶ୍ୱର ସହର ପରିକ୍ରମା କରୁଛି।

**ବାଲେଶ୍ୱର ଅଫିସ,୮।୧**

ବାଲେଶ୍ୱର ଜିଲାରେ ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ରବିବାର ପୂର୍ବାହ୍ନରେ ସଚେତନତା ପାଇଁ ସହରବାସୀଙ୍କୁ ନେଇ ଏକ ମିନି ମାରାଥନ୍ ଆୟୋଜିତ ହୋଇଥିଲା।

ରବିବାର ପୂର୍ବାହ୍ନ ୧୧ଟା ସମୟରେ ଟ୍ରଫି ବାଲେଶ୍ୱର-ମୟୂରଭଞ୍ଜ ସୀମାନ୍ତ କଳମା ଛକଠାରେ ପହଞ୍ଚିଥିବା ପରେ ଜିଲାପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଟ୍ରଫି ରେମୁଣା ଗୋଲେଇ, କୁରୁଡ଼ା ଛକ, ଆଇଟିଆଇ ଛକରୁ ସ୍ପେଶାଲ ସର୍କିଟ୍ ହାଉସ୍ ନିକଟରେ ପହଞ୍ଚିଥିଲା। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ୨ଟାରେ ଉକ୍ତ ଟ୍ରଫି ସହର ପରିକ୍ରମା ପାଇଁ ବାହାରିଥିଲା। ଜିଲାପ୍ରଶାସନ ପକ୍ଷରୁ ଫକୀରମୋହନ ଗୋଲେଇରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଉପ-ଜିଲାପାଳ କୁନାଲ ମୋତିରାମ ଚଭନ ପ୍ରମୁଖ ଅଧିକାରୀମାନେ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ଫାଣ୍ଡି ଛକରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ଉପସ୍ଥିତ ଥିବା ବିଜେଡିର ବହୁ କର୍ମୀ ଟ୍ରଫିକୁ ସମ୍ବର୍ଦ୍ଧିତ କରିଥିଲେ। ଓରମାସ ପକ୍ଷରୁ ଜିଲାପାଳଙ୍କ ଫାଟକ ସମ୍ମୁଖରେ ସୁସଜ୍ଜିତ ମଞ୍ଚରେ ଆଦିବାସୀ ନୃତ୍ୟ ଏବଂ ମାଦଳ ବାଦ୍ୟ ଯନ୍ତ୍ର ଦ୍ୱାରା ସ୍ୱାଗତ କରାଯାଇଥିଲା। ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୋପାଳଗାଁ ଛକ ଓ ପରେ କନଭେଣ୍ଟ ସ୍କୁଲ ଛକରେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଟ୍ରଫିକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ସହର ପରିକ୍ରମା ଶେଷ କରି ପରମିଟ୍ ପଡ଼ିଆରେ ଟ୍ରଫିକୁ ପହଞ୍ଚାଯାଇଥିଲା। ଉପସ୍ଥିତ ଥିବା ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଶିକ୍ଷାବିତ୍, କବି, ଲେଖକ ଏବଂ ସମସ୍ତ ପଦାଧିକାରୀ, ରାଜନୈତିକ ନେତୃବୃନ୍ଦ, ନିର୍ବାଚିତ ପ୍ରତିନିଧି ମିଳିତ ଭାବେ ଟ୍ରଫିକୁ ସ୍ୱାଗତ କରିଥିଲେ। ଜିଲା କ୍ରୀଡ଼ା ସଂଘର ବରିଷ୍ଠ ସଦସ୍ୟ ଅଧୀପ ଦାସ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଟ୍ରଫିକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଟ୍ରଫିକୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ସ୍ୱାଗତ ସ୍ଥାନଗୁଡ଼ିକରେ ରଙ୍ଗୋଲି କାଟିବା ସହ ବ୍ୟାନର୍ ଓ ଝାଲେରୀ ଲଗାଇ ମଞ୍ଚକୁ ସୁସଜ୍ଜିତ କରାଯାଇଥିଲା। ଏହି ଅବସରରେ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଥିଲେ। ଶେଷରେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଟ୍ରଫିକୁ ସମ୍ମାନର ସହ ନେଇ ଭଦ୍ରକ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ସୂଚନା ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ବହୁ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ସୁଚିସ୍ମିତା



@ଦୁର୍ଯ୍ୟୋଧନ



@ସାଜିଦ୍

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ପଥରପ୍ୟାକିଂ ବେଳେ ଧସିଲା ସାଳନ୍ଦୀ ନଦୀବନ୍ଧ

- ନଦୀକୂଳିଆବାସୀ ଭୟଭୀତ
- ନିୟମିତ କାମ ହେଉ ନ ଥିବା ଅଭିଯୋଗ
- ତୁରନ୍ତ ପଥରପ୍ୟାକିଂ ସାରିବାକୁ ଦାବି

**ଆରଡ଼ି,୮।୧(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତ ଶୀତଳପୁର ଗାଁ ନିକଟରେ ପୁଣି ସାଳନ୍ଦୀ ନଦୀବନ୍ଧ ଧସିଛି। ନଦୀକୂଳରେ ପଥରପ୍ୟାକିଂ କାର୍ଯ୍ୟ ଚାଲିଥିବା ବେଳେ ରବିବାର ପୂର୍ବାହ୍ନରେ ୪୦ଫୁଟ୍‌ର ବନ୍ଧ ନଦୀଗର୍ଭକୁ ଧସିଯାଇଛି। ନଦୀ ଜୁଆରିଆ ଥିବାରୁ ପୁଣି ବନ୍ଧ ଧସିବା ସହ ନଦୀ ଗାଁ ଆଡ଼କୁ ମାଡ଼ି ଆସିବାର ଆଶଙ୍କା ରହିଛି। ଫଳରେ ନଦୀକୂଳିଆବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗ୍ରାମବାସୀଙ୍କ ମଧ୍ୟରେ କୁମ୍ଭୀର ଭୟ ମଧ୍ୟ ସୃଷ୍ଟି ହୋଇଛି। ନିୟମିତ ନଦୀବନ୍ଧରେ ପଥରପ୍ୟାକିଂ କାମ ଚାଲୁ ରହିଲେ ଏଭଳି ସମସ୍ୟା ଉପୁଜନ୍ତା ନାହିଁ। ଠିକାଦାର ନଦୀବନ୍ଧରେ ପଥର ପକାଇ କିଛିଦିନ କାମ ବନ୍ଦ କରୁଥିବାରୁ ଏଭଳି ସମସ୍ୟା ଦେଖାଦେଉଥିବା ସେମାନେ କହିଛନ୍ତି।



ଆରଡ଼ି ପଞ୍ଚାୟତ ଶୀତଳପୁର ଗାଁ ନିକଟରେ ପଥରପ୍ୟାକିଂ ସହ ନଦୀବନ୍ଧ ଧସିଛି।

ପ୍ରକାଶ ଯେ, ୮ ବର୍ଷରୁ ଊର୍ଦ୍ଧ୍ୱ ହେଲା ବିଭିନ୍ନ ସମୟରେ ଏଠାରେ ନଦୀବନ୍ଧ ଧସୁଥିଲେ ବି ଜଳସେଚନ ବିଭାଗ ପକ୍ଷରୁ କେବଳ ବାଲିବସ୍ତା ପକାଯାଇ କାମ ଚଳା ଯାଉଥିଲା। ପ୍ରାୟ ୧ ବର୍ଷ ତଳେ ପଥରପ୍ୟାକିଂ କାମ ଆରମ୍ଭ କରାଯାଇଥିଲା। ହେଲେ କିଛିମାସ ପରେ କାମ ବନ୍ଦ ରହିଥିଲା। ୪ ମାସ ହେଲା ପୁଣି ପଥରପ୍ୟାକିଂ କାର୍ଯ୍ୟ ଚାଲୁ ରହିଛି। ଅଧାପନ୍ତରିଆ କାର୍ଯ୍ୟ ଚାଲିଲେ ପୁନର୍ବାର ନଦୀବନ୍ଧ ଧସିପାରେ। ଏଣୁ ପଥରପ୍ୟାକିଂ ତୁରନ୍ତ ସାରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା କେହି ଅଧିକାରୀ ଏଠାକୁ ପରିଦର୍ଶନରେ ଆସିନାହାନ୍ତି। ନଦୀବନ୍ଧ ଧସିବା ସମ୍ପର୍କରେ ଧାମନଗର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ କିଶୋର ଦାସ କହିଛନ୍ତି, ନଦୀବନ୍ଧ ପଥରପ୍ୟାକିଂ କାର୍ଯ୍ୟ ଚାଲୁଥିବା ବେଳେ ଧସିଲେ ସେମିତି କିଛି ସମସ୍ୟା ନାହିଁ। ଯେଉଁ ସ୍ଥାନରେ ପଥର ଧସିଛି, ଉକ୍ତ ସ୍ଥାନରେ ୩୦ ମିଟର ତଳୁ ଅର୍ଥାତ୍ ନଦୀଶଯ୍ୟାରୁ ପଥର ପଡ଼ି କୂଳ ପର୍ଯ୍ୟନ୍ତ ଆସିବ। ତେବେ ପଥର ପ୍ୟାକିଂ କାର୍ଯ୍ୟ ଚାଲୁ ରହିଛି। ଏହାକୁ ସ୍ଥାୟୀ ଭାବେ ନିର୍ମାଣ କରି ସମସ୍ୟାର ସମାଧାନ କରାଯିବ। ଭଦ୍ରକ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ କହିଛନ୍ତି, ଶୀତଳପୁରରେ ନଦୀବନ୍ଧ ଧସିବା କଥା ସେ ଅବଗତ ନାହାନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କୁ ସେଠାକୁ ପଠାଇ ନଦୀବନ୍ଧ ଧସିବା ସ୍ଥାନ ମରାମତି କରିବା ସହ ପଥରପ୍ୟାକିଂ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ।

# ଟ୍ରାକ୍ଟର-ବାଇକ୍ ଧକ୍କା: ଜଣେ ମୃତ, ୩ ଗୁରୁତର

**ଜଳେଶ୍ୱର,୮।୧(ଡି.ଏନ.ଏ.)**

ବାଲି ବୋଝେଇ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସାପାଇଁ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ଲକ୍ଷ୍ମଣନାଥ ଅଞ୍ଚଳରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଦ୍ରୁତ ଗତିରେ ୬୦ନଂ. ଜାତୀୟ ରାଜପଥ ଆଡ଼କୁ ଯାଉଥିବାବେଳେ ଅଗ୍ରୱାଲ ସ୍କୁଲ ନିକଟରେ ବାଇକ୍‌କୁ ଧକ୍କା ଦେଇଥିଲା। ଏହି ବାଇକ୍‌ରେ ୩ ଯୁବକ ଓ ଜଣେ ନାବାଳକ ପଶ୍ଚିମବଙ୍ଗରୁ କ୍ରିକେଟ ଖେଳ ସାରି ଫେରୁଥିବା ବେଳେ ଦୁର୍ଘଟଣାର ଗୁରୁତର ହୋଇଥିଲେ। ଗୁରୁଦାସ ପୁର ଗାଁର ପ୍ରମୋଦ ମହାପାତ୍ର (୧୮)ଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିକେଭଟ୍ଟର ହସ୍‌ପିଟାଲକୁ ପଠାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଲକ୍ଷ୍ମଣନାଥ ଗାଁର ଅଭିନନ୍ଦନ ଦାସ (୧୪), ପୀତାମ୍ବର ହେମ୍ବ୍ରମ (୨୦) ଓ ପ୍ରଦୀପ ଗୋଛାୟତ (୨୦)ଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଡ୍ରୋନ୍ ସହାୟତାରେ ବିଦ୍ୟୁତ୍ ମିଟର ରିଡିଂ



ଡ୍ରୋନ୍‌ର ପରୀକ୍ଷାମୂଳକ ଉଡ଼ାଣ କରାଯାଉଛି।

## ପରୀକ୍ଷାମୂଳକ ଉଡ଼ାଣ

**ସୋର,୮।୧(ଡି.ଏନ୍.ଏ)**

ଟିପିଏନ୍‌ଓଡିଏଲ ପକ୍ଷରୁ ସୋର ବିଦ୍ୟୁତ୍ ସବ୍‌ଡିଭିଜନ ଅନ୍ତର୍ଗତ ମଙ୍ଗଳପୁର ଶ୍ରୀନିବାସ କଲେଜ ପଡ଼ିଆଠାରେ ପ୍ରଥମ କରି ବିଦ୍ୟୁତ୍ ମିଟର ରିଡ଼ିଂ ପାଇଁ ପରୀକ୍ଷାମୂଳକ ଭାବେ ଡ୍ରୋନ୍ ଉଡ଼ାନ କରାଯାଇଛି। ୧୦ କି.ମି. ପରିଧି ମଧ୍ୟରେ ମିଟର ରିଡିଙ୍ଗ କରିବା ସହିତ ଆକାଶରେ ୮୦ ମିଟର ଦୂରରୁ ଥାଇ ଏହି ଡ୍ରୋନ୍ ଜଙ୍ଗଲ, ଅନ୍ଧାରୁଆ, ଜଳଘେର ଭିତରେ ରହିଥିବା ମିଟରରୁ ଜିପିଏସ୍ ସହାୟତାରେ ସଠିକ୍ ମିଟର ରିଡିଙ୍ଗ କରିବାର କ୍ଷମତା ରହିଥିବା ଉପସ୍ଥିତ ଅଧିକାରୀମାନେ ସୂଚନା ଦେଇଛନ୍ତି। କଲେଜ ପଡ଼ିଆରେ ଉଡ଼ିବା ଆରମ୍ଭ କରିଥିବା ଏହି ଡ୍ରୋନ୍ ସଫଳତାର ସହିତ ଶିଙ୍ଗାଖୁଣ୍ଟା, ମାଣିପୁର, ଗୋପୀନାଥପୁର, ଜଡ଼ିଦା ଏବଂ ମହୁମୁହାଣ ପଞ୍ଚାୟତରେ ଥିବା ମିଟରଗୁଡ଼ିକର ରିଡିଙ୍ଗ କରିଥିଲା। ଏହି ପରୀକ୍ଷଣ ବେଳେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ମଲ୍ଲିକ, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ପାଣି, ଲାଇନମ୍ୟାନ ପର୍ଶୁରାମ ନାୟକ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଏବଂ ଟାଟାର ଇଞ୍ଜିନିୟମାନେ ଉପସ୍ଥିତ ରହିଥିଲେ। ପରବର୍ତ୍ତୀ ସମୟରେ ଏହି ଡ୍ରୋନ୍ ସହାୟତାରେ ବିଦ୍ୟୁତ୍ ଚୋରିକୁ ରୋକିବାପାଇଁ ବ୍ୟବହାର କରାଯିବ ବୋଲି ଅଧିକାରୀମାନେ କହିଛନ୍ତି।

## ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଚୟନ

# ଶ୍ରେଷ୍ଠ ୨୦ରେ କେନ୍ଦୁଝରରୁ ସୌମ୍ୟା

**ଯୋଡ଼ା,୮।୧(ଡି.ଏନ.ଏ)**

କେନ୍ଦୁଝର ଜିଲା ରବିନ୍ଦ୍ର ବିଦ୍ୟାନିକେତନର ଛାତ୍ରୀ ସୌମ୍ୟା ବାଥିରେ ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ) କାର୍ଯ୍ୟକ୍ରମରେ ଅନ୍ୟତମ ବିଜେତା ଘୋଷିତ ହୋଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ କେନ୍ଦୁଝରର ୬୦୨୫ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କେନ୍ଦୁଝର ଜିଲାରୁ ଚୟନ ହୋଇଥିବା ଶ୍ରେଷ୍ଠ ୨ ବିଦ୍ୟାର୍ଥୀଙ୍କ ମଧ୍ୟରେ ସେ ସ୍ଥାନ ପାଇଛନ୍ତି। ପରେ ଭୁବନେଶ୍ୱରସ୍ଥିତ ପଠାଣିସାମନ୍ତ ପ୍ଲାନେଟୋରିୟମଠାରେ ଆୟୋଜିତ ଫାଇନାଲ ରାଉଣ୍ଡରେ ଶ୍ରେଷ୍ଠ




ଅତିଥିଙ୍କ ନିକଟରୁ ସୌମ୍ୟା ମାନପତ୍ର ଗ୍ରହଣ କରୁଛନ୍ତି।

୨୦ ବିଜେତାଙ୍କ ମଧ୍ୟରେ ସ୍ଥାନ ହାସଲ କରିଥିଲେ। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ କମିଶନର ତଥା ସଚିବ ଭାସ୍କର ଜ୍ୟୋତି ଶର୍ମା ବିଜେତାଙ୍କୁ ସମ୍ମାନିତ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅତିରିକ୍ତ ସଚିବ ସଞ୍ଜୁଲତା ବେହେରା, ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡଃ କରୁଣାକର ନନ୍ଦ, ଟାଟା ଷ୍ଟିଲ କର୍ପୋରେଟ କମ୍ୟୁନିକେସନ ବିଭାଗର ମୁଖ୍ୟ ସର୍ବେସ କୁମାର, ୨୦୦୯ ୟାଟସ ବିଜେତା ଡ. ଅଂଶୁମାନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୩୦ଟି ଜିଲାର ୩୦୦ ବିଦ୍ୟାଳୟରୁ ପ୍ରାୟ ୭୭ ହଜାର ୫୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଜେତାମାନଙ୍କୁ ୨୦୨୩ ମସିହା ମେ ମାସରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ରର ଏକ ଅନୁଷ୍ଠାନ ପରିଦର୍ଶନ କରିବାର ସୁଯୋଗ ମିଳିବ।

**ସାମ୍ବଲପୁରୀ ବସ୍ତ୍ରାଳୟ**

ପବିତ୍ର ମକର ଓ ପୋଙ୍ଗଲ ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୦୯।୦୧।୨୦୨୩ରୁ ତା୧୪।୦୧।୨୦୨୩ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.

## ସୁଲଭ ଶୌଚାଳୟରେ ପଡ଼ି ରୋଗୀଙ୍କ ମୃତ୍ୟୁ

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଜଣେ ରୋଗୀଙ୍କ ସୁଲଭ ଶୌଚାଳୟରେ ପଡ଼ି ମୃତ୍ୟୁ ହୋଇଛି। ମୃତକ ସଦର ବ୍ଲକ୍ ଭାଟୁଣିଆ ଗ୍ରାମର ବିଦ୍ୟାଧର ଦେହୁରୀ(୩୫)। ସେ ଥଣ୍ଡା ଏବଂ ଅନ୍ୟ ରୋଗରେ ଆକ୍ରାନ୍ତ ହୋଇ ଶାଳକଙ୍କ ସହିତ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ରବିବାର ଚିକିତ୍ସାଳୟ ନିକଟରେ ଥିବା ସୁଲଭ ଶୌଚାଳୟକୁ ପରିସ୍ରା କରିବାକୁ ଯାଇ ପଡ଼ିଯାଇଥିଲେ। ସେଠାରୁ ତାଙ୍କ ଶାଳକ ସାଗର ଦେହୁରୀ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ପ୍ରେସ୍ କ୍ଲବର ବାର୍ଷିକୋତ୍ସବ ପ୍ରସ୍ତୁତି

ଗୋପବନ୍ଧୁ ନଗର, ୮।୧(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ଏନେଇ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ପୌରୋହିତ୍ୟରେ କୁଆମରା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦଳା ଉପଖଣ୍ଡ ଖବରଦାତାମାନଙ୍କୁ ଅଣଦେଖା କରାଯାଉଥିବା କହି ବୈଠକରେ ନିନ୍ଦା କରାଯାଇଥିଲା। ହିରେନ ରାୟ, ମାଣିକ ହେମ୍ବ୍ରମ, ଶାନ୍ତନୁ ମଡୁଆଳ, ଚିତ୍ତରଞ୍ଜନ ଦଳେଇ, ବିଶ୍ୱଜିତ ଦାଶ, ସମ୍ପିତ କୁମାର ରାଉତ, ରଞ୍ଜନ କୁମାର ମଡୁଆଳ, ଯୋଗେଶ୍ୱର ସାହୁ, ଜୟନ୍ତ କୁମାର ସ, ଦୀପକ ଚୌଧୁରୀ, ଉକ୍ଟର କୁମାର ବାବୁଲି, ସୂର୍ଯ୍ୟକାନ୍ତି ପୁହାଣ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ପିଲା ଚାଲାଣ ଘଟଣାରେ ୩ ଗିରଫ

ଖଇରା,୮।୧(ଡି.ଏନ୍.ଏ.)- ଶନିବାର ରାତିରେ ନନ୍ଦୁର ଅଞ୍ଚଳରୁ ୩ନାବାଳିକା ଓ ୩ନାବାଳକଙ୍କୁ ୩ଦଲାଲ ମହାରାଷ୍ଟ୍ର ନେଇ ଯାଉଥିବା ବେଳେ ଖଇରା ପୋଲିସ, ମହିଳା ସଙ୍ଗଠନ ଓ ଚାଇଲ୍ଡ ଲାଇନ ସଦସ୍ୟଙ୍କ ମିଳିତ ସହଯୋଗରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଖଇରା ଚାଇଲ୍ଡ ଲାଇନ ଉକ୍ତ ନାବାଳିକା ଓ ନାବାଳକମାନଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛି। ସେହିଭଳି ଏକ ମାମଲା (ନଂ.୫/୨୩) ରୁଜୁ କରାଯାଇ ମହାରାଷ୍ଟ୍ରର ୨ଦଲାଲ ଦିନେଶ ରାମଦାସ ଓ ଅଜିତ ସାହେବରାଓ ତଥା ଖଇରା ବ୍ଲକ କାକୁଡିଆ ଗ୍ରାମର ବାପୁଜି ତିରିଆଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସାରସ୍ୱତ ସାଧକ ଡ.ବିଜୟ କୁମାର ମିଶ୍ରଙ୍କ ପରଲୋକ

ଭୋଗରାଇ,୮।୧(ଡି.ଏନ୍.ଏ.)- ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ, ସାରସ୍ୱତ ସାଧକ ତଥା ଆର.ଆଇ.ଏଚ୍.ଏସ୍ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ.ବିଜୟ କୁମାର ମିଶ୍ରଙ୍କ ରବିବାର ପରଲୋକ ଘଟିଛି।

ଭୋଗରାଇ ଉତ୍ସବ ଅବସରରେ ରବିବାର ମଧାହ୍ନରେ କବି ସମ୍ମିଳନୀ ଅନୁଷ୍ଠିତ ହେଉଥିଲା। କବିମାନେ କବିତା ପାଠ କରୁଥିବା ସମୟରେ ଚେୟାରରେ ବସି ଶୁଣୁଥିବା ଡ.ମିଶ୍ର ହଠାତ୍ ସେଠାରେ ଟଳି ପଡ଼ିଥିଲେ। ଉତ୍ସବ କମିଟିର ସମସ୍ତ ସଦସ୍ୟ ତୁରନ୍ତ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଦେବଭାଷା ବିକାଶ ପରିଷଦର ଉପଦେଷ୍ଟା, ମାନବବାଦୀ ବ୍ୟକ୍ତି, ଆଧାତ୍ମିକ ଚେତନାର ପ୍ରବର୍ତ୍ତକ ଏବଂ ବହୁ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିବା ଡ. ମିଶ୍ରଙ୍କ ବିୟୋଗରେ ସମଗ୍ର ଭୋଗରାଇରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ କଲେଜ, ଭୋଗରାଇ ଉତ୍ସବସ୍ଥଳ ଓ କମର୍ଦାରେ ପରିକ୍ରମା କରାଯାଇ ଜନ୍ମମାଟି କିଆରଦା ଗ୍ରାମକୁ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ ଜିଲା ଯୋଜନାବୋର୍ଡ ଅଧକ୍ଷ ତଥା ବିଧାୟକ ଅନନ୍ତ ଦାସ, ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି, କଂଗ୍ରେସ ନେତା ସତ୍ୟଶିବ ଦାସ, ଆଶିଷ ପାତ୍ର, ଗୋପବନ୍ଧୁ ଦାସ, ଉତ୍ସବ କମିଟିର ସଭାପତି ଇଂ. ରବୀନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ପଙ୍କଜାକ୍ଷ ପଣ୍ଡା ବିଶିଷ୍ଟ ଡା. ଶ୍ରୀଶ କୁମାର ଦାଶ, ପ୍ରମୋଦ ବେହେରା, ଆର.ଆଇ.ଏଚ୍.ଏସ୍‌ର ଅଧକ୍ଷଙ୍କ ସମେତ ସମସ୍ତ ଅଧାପିକା ଅଧାପକ, ଶିକ୍ଷାବିତ ଓ ବୁଦ୍ଧିଜୀବୀମାନେ ଶୋକବ୍ୟକ୍ତ କରିଛନ୍ତି।



## ବାଲେଶ୍ୱର ପୌରାଞ୍ଚଳ: ଟଙ୍କା ଅଛି, କାମ ହେଉନି

■ଅଧିକାରୀ-ଅଧକ୍ଷାଙ୍କ ମଧରେ ଶୀତଳ ଯୁଦ୍ଧ
■କାଉନ୍ସିଲରେ ଅନୁମୋଦନ ପରେ ମଧ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ

ବାଲେଶ୍ୱର ଅଫିସ,୮।୧

ବାଲେଶ୍ୱର ପୌରାଞ୍ଚଳରେ ଗତ ୯ମାସ ପୂର୍ବେ କାଉନସିଲର ଏବଂ ଅଧକ୍ଷ ପଦ ଲାଗି ନିର୍ବାଚନ ହୋଇଥିଲା। ୩୧ଟି ୱାର୍ଡ ବିଶିଷ୍ଟ ଏହି ପୌରାଞ୍ଚଳରେ ବିଜେଡି ପ୍ରାର୍ଥିନୀ ସବିତା ସାହୁ ଅଧକ୍ଷା ଭାବେ ନିର୍ବାଚିତ ହେବା ସହ ୨୧ଜଣ କାଉନ୍ସିଲର ବିଜୟୀ ହୋଇଥିଲେ। ଅନ୍ୟ ୧୦ଜଣଙ୍କ ମଧରେ ଭାଜପାର ୯ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ବିଜେଡିର ବିଜୟ ପରେ ପୌରାଞ୍ଚଳବାସୀ ବହୁ ଉନ୍ନତିମୂଳକ କାର୍ଯ୍ୟ ହେବ ବୋଲି ଆଶା ବାନ୍ଧିଥିଲେ। କିନ୍ତୁ ନିର୍ବାଚନକୁ ୯ମାସ ବିତିଯାଇଥିଲେ ମଧ ପୌରାଞ୍ଚଳର କୌଣସି ୱାର୍ଡରେ ମାଟି ପାଛିଏ ବି ପଡ଼ି ନ ଥିବାରୁ କାଉନସିଲରଙ୍କ ସମେତ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅଧକ୍ଷା ଏବଂ ଅଧିକାରୀଙ୍କ ମଧରେ ଶୀତଳ ଯୁଦ୍ଧ ଲାଗିଥିବା ପରିଲକ୍ଷିତ ହେଉଛି।

ନିର୍ବାଚନ ପରେ ଅଧକ୍ଷାଙ୍କ ଅଧକ୍ଷତାରେ କାଉନ୍ସିଲ୍‌ରେ ୬ଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟତଃ ଉନ୍ନତିମୂଳକ କାର୍ଯ୍ୟ କହିଲେ ରାସ୍ତାର ପୁନରୁଦ୍ଧାର, ଡ୍ରେନ୍ ନିର୍ମାଣ ଓ ମରାମତି, ସଫେଇ, ଆଲୋକୀକରଣ ଉପରେ ଆଲୋଚନା ହୋଇ ରାଜ୍ୟସରକାରଙ୍କ ଦ୍ୱାରା ୨୬୮ଟି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ୨୧କୋଟି ୬୨ଲକ୍ଷ ୫୭ହଜାର ୭୬୪ ଟଙ୍କା ବ୍ୟୟ ଅଟକଳ କରାଯାଇଛି। କାଉନ୍ସିଲ୍‌ର ଅନୁମୋଦନ ପରେ ପୌର ଅଧିକାରୀଙ୍କ ପାଖକୁ ଫାଇଲ୍ ଯାଇଥିଲା। ଅନୁମୋଦନ ମଧ ହେଲା। ୧୦/୧୨ଦିନ ପୂର୍ବରୁ ଅଧକ୍ଷାଙ୍କ ନିକଟକୁ ଶେଷ ଅନୁମୋଦନ ପାଇଁ ଫାଇଲ୍ ଯାଇଥିବା ବେଳେ ଫେରି ନ ଥିବାରୁ କାର୍ଯ୍ୟ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏହି ଅନିଶ୍ଚିତତା ପଛରେ ପ୍ରତ୍ୟେକ ୱାର୍ଡକୁ ସମାନ ପ୍ରକଳ୍ପ ନ ଦେବା, ଦଳୀୟ କନ୍ଦଳ ଏବଂ ଅଧିକାରୀଙ୍କ ସହ ପୌର ଅଧକ୍ଷାଙ୍କ ମତ ପାର୍ଥକ୍ୟ ମୁଖ୍ୟ କାରଣ ହୋଇପାରେ ବୋଲି କୁହାଯାଉଛି।

ଏନେଇ ପୌର ଉପାଧକ୍ଷ କୈଳାସ ସେଠୀ କହନ୍ତି, ପୌରାଞ୍ଚଳରେ ମୁକ୍ତା ଯୋଜନା ଅନ୍ତର୍ଗତ ମିନି ପାର୍କ, ଶୌଚାଳୟ, ଖୋଲା ଜିମ୍ ସହ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଯାହା ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପ୍ରକଳ୍ପ ଅଟେ। କିନ୍ତୁ ରାଜ୍ୟ ସରକାରଙ୍କ ବିଭିନ୍ନ ଗ୍ରାଣ୍ଟରୁ କୋଟି କୋଟି ଟଙ୍କା ଆସି ପଡ଼ିରହିଥିବା ବେଳେ ନିର୍ବାଚନର ୯ମାସ ବିତିଯାଇଥିଲେ ମଧ ୯ ପାଛିଆ ମାଟି କୌଣସି ୱାର୍ଡରେ ପଡ଼ିପାରିଲା ନାହିଁ। ଏମିତିବି ଦୁର୍ଗା ପୂଜାରେ ପୌରାଞ୍ଚଳ ପକ୍ଷରୁ ଜରୁରୀକାଳୀନ ବୈଠକ ହୋଇପାରିଲା ନାହିଁ। ବିଭିନ୍ନ ୱାର୍ଡ଼ରେ ରାସ୍ତାର ପୁନରୁଦ୍ଧାର ଓ ନୂତନ ଡ୍ରେନ୍‌ର ଆବଶ୍ୟକତାକୁ ନେଇ ଲୋକମାନେ ହଇରାଣ ହରକତ ହେଉଥିବା ବେଳେ ଟଙ୍କା ପଡ଼ିରହି କାମ ହେଉ ନାହିଁ। କେବଳ ଟାଉନ୍‌କୁ ଛାଡ଼ିଦେଲେ ୱାର୍ଡରେ ବିଭିନ୍ନ ଅଞ୍ଚଳରେ ଆଲୁଅ ଜଳିପାରୁ ନାହିଁ। ଫଳରେ ଚୋରି, ଛିନ୍‌ତାଇ, ରାହାଜାନୀ ଭଳି ଘଟଣା ବଢ଼ିବାରେ ଲାଗିଛି। ଅବିଳମ୍ବେ ଅଧକ୍ଷା କାଉନ୍‌ସିଲରଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ ପାଇଁ ସେ ପ୍ରସ୍ତାବ ରଖିଛନ୍ତି।

ଅଧକ୍ଷା ସବିତା ସାହୁ କହନ୍ତି, ବାଲେଶ୍ୱର ପୌରାଞ୍ଚଳ ଏକ ଅଟୋନୋମସ୍ ବଡି। ଏଠାରେ କାଉନ୍‌ସିଲର ଓ ଅଧକ୍ଷାଙ୍କ ନିଷ୍ପତ୍ତିକୁ ଗୁରୁତ୍ୱ ଦିଆଯାଇଥାଏ। କାଉନସିଲ୍ ବଡିରେ କେତେକ ପାସ୍ ହେଉଥିବା ପ୍ରକଳ୍ପ ଗୁଡ଼ିକ ଉପରେ ଅଧିକାରୀ ହସ୍ତକ୍ଷେପ କରୁଛନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ବିବାଦ ସୃଷ୍ଟି ହେଉଛି। ବିଭିନ୍ନ ପ୍ରକଳ୍ପକୁ ନେଇ ହେବାକୁ ଥିବା ଟେଣ୍ଡର ପ୍ରକ୍ରିୟା ଗତ ଡିସେମ୍ବର ୩୧ ତାରିଖରେ ପ୍ରୋସିଡିଂ ସରିଛି। ଚଳିତମାସରେ ସମସ୍ତ ପ୍ରକଳ୍ପର ଟେଣ୍ଡର କରାଯିବ।

ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ କୁନାଲ ମୋତିରାମ ଚଭନ କହନ୍ତି, ପୌର ପରିଷଦରେ ଯାହା କିଛି ଅସୁବିଧା ଥିଲା, ତାହା ସମାଧାନ ହୋଇଛି। ଟେଣ୍ଡର ପ୍ରକ୍ରିୟା ପାଇଁ ପ୍ରାୟ ସମସ୍ତ କାର୍ଯ୍ୟ ସରିଛି। ଆସନ୍ତା ଏକ ସପ୍ତାହ ମଧରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।




## ସଂସ୍କୃତ ବିଭାଗ ପକ୍ଷରୁ ଆଲୋଚନା ଚକ୍ର

ରୂପ୍‌ସା,୮।୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ତରଫରୁ 'ଆଧୁନିକ ଯୁଗରେ ଚାଣକ୍ୟ ନୀତିର ଉପଯୋଗୀତା' ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରାଧାପକ ଡ. ତପନ କୁମାର ବେହେରା ଏହି ଆଲୋଚନା ଚକ୍ରରେ ଅଧକ୍ଷତା କରିଥିଲେ। ମୁଖ୍ୟ ବିଷୟ ବିଶେଷଜ୍ଞ ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ. କ୍ଷିତୀଶ୍ୱର ଦାଶ ଯୋଗଦେଇ ବିଷୟ ଉପରେ ଆଲୋକପାତ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ପ୍ରାଧାପିକା ନୀଳିମା ପାତ୍ର ଅତିଥି ପରିଚୟ ପ୍ରଦାନ ପୂର୍ବକ ମୁଖ୍ୟ ବିଷୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଅଧାପକ ଗୌରାଙ୍ଗ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀ ମିନତୀ ବେହେରା, ସୁମିତ ରାଉତ, ଯାଜ୍ଞସିନୀ ପ୍ରହରାଜ, ପ୍ରଣୀତା ପାତ୍ର, ଶିବାନୀ ବାରିକ, ଜିତେନ ବେହେରା, ଉତ୍ପଳିକା ନାୟକ, ମୋନାଲିସା ପଣ୍ଡା ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ବିଭାଗୀୟ ଅଧାପିକା ପିନାକ୍ଷୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## 'ରାଜନୀତିରେ ଉପଭୋକ୍ତାବାଦୀ ମାନସିକତା' ଆଲୋଚନାଚକ୍ର



ଅତିଥିମାନଙ୍କ ଦ୍ୱାରା ଗଳ୍ପ ପୁସ୍ତକ ଲୋକାର୍ପଣ କରାଯାଉଛି।

ତ୍ୟାଗଭୂମି ମହୋତ୍ସବର ୭ମ ସନ୍ଧ୍ୟା

ଭଦ୍ରକ ଅଫିସ, ୮।୧

ଆଜିର ରାଜନୈତିକ ନେତୃବୃନ୍ଦ ବ୍ୟବସାୟିକ ଦୃଷ୍ଟି ନେଇ ଭୋଟବ୍ୟାଙ୍କ, ଆପରାଧିକ କାର୍ଯ୍ୟ ଓ ବାହୁବଳୀ ସୃଷ୍ଟିରେ ସର୍ବଦା ଯୋଜନା କରୁଛନ୍ତି। ଜନତାଙ୍କୁ ସର୍ବଦା ମାଗଣା ବଣ୍ଟନ ମାଧ୍ୟମରେ ଉପଭୋକ୍ତାବାଦୀ ମାନସିକତାର ପରିଚୟ ଦେଉଛନ୍ତି ବୋଲି ଭଦ୍ରକ ନେହେରୁ ଷ୍ଟାଡିୟମରେ ଚାଲିଥିବା ତ୍ୟାଗଭୂମି ମହୋତ୍ସବର ୭ମ ସନ୍ଧ୍ୟାରେ 'ରାଜନୀତିରେ ଉପଭୋକ୍ତାବାଦୀ ମାନସିକତା' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ 'ଉତ୍କଳକେଶରୀ ମଞ୍ଚ'ରେ ମୁଖ୍ୟଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ବିଷୟବସ୍ତୁ ଉପରେ ନିଜର ଅଭିବ୍ୟକ୍ତି ପରିପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହୃଷିକେଶ ମଲ୍ଲିକ, ବରେଣ୍ୟ ଅତିଥି ଭାବେ ସାମାଜିକ କର୍ମୀ ଏସ୍.ଏମ୍. ଫାରୁକ, ଡା. ପ୍ରଦୀପ କୁମାର ନାୟକ ଓ ଶ୍ରମିକ ନେତା ଦିବ୍ୟସିଂହ ନାୟକ ଯୋଗ ଦେଇଥିଲେ। କମିଟି ସଦସ୍ୟ ରୂପକ ବିହାରୀ ରାୟ ମଞ୍ଚ ଆହ୍ୱାନ କରିଥିବା ବେଳେ ଅଧାପକ ବିଶ୍ୱରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଗାଳ୍ପିକ ଗଦାଧର ବଳଙ୍କ 'ମାଟିର ବାସ୍ନା' ଗଳ୍ପ ପୁସ୍ତକ ଲୋକାର୍ପିତ ହୋଇଥିଲା। ଅଧାପକ ଡ. ଅଭୟ କୁମାର ଦାସ ପୁସ୍ତକର ସମୀକ୍ଷା କରିଥିଲେ। କମିଟି ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ସଙ୍ଗଠନ ସମ୍ପାଦକ ସୁଧାକର ରାଉତ, ସହ ସମ୍ପାଦକ ଗୌରାଙ୍ଗ ବାରିକ, ସଦସ୍ୟ ବିଚିତ୍ରାନନ୍ଦ ମହାନ୍ତି, ବାବୁଲାଲ ଦାସ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ମୁସ୍ତାକ ଗହ୍ୱର ଧନ୍ୟବାଦ ଦେଇଥିଲେ।

## ମହିଳା ଅତିରିକ୍ତ ତହସିଲଦାରଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଭଦ୍ରକ ଅଫିସ, ୮।୧

ଭଦ୍ରକ ଜିଲା ବନ୍ତ ତହସିଲର ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁଙ୍କୁ ୩ଜଣ ଯୁବକ ଦୁର୍ବ୍ୟବହାର କରିଥିବା ନେଇ ସେ ଆଗରପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ସେ ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ତହସିଲ ଅଧୀନ ଅଣିଜୋ ପଞ୍ଚାୟତର ନରିପୁରଠାରେ ସାଳନ୍ଦୀ ନଦୀ ପାର୍ଶ୍ୱରୁ ବେଆଇନ ଭାବେ ମାଟି ଉଠାଯାଉଥିବା ଅଭିଯୋଗର ତଦନ୍ତ ପାଇଁ ଶନିବାର ଅପରାହ୍ଣରେ ଯାଇଥିଲେ। ତଦନ୍ତ ସାରି ଅଣିଜୋସ୍ଥିତ ଆର୍‌ଆଇ ଅଫିସକୁ ଫେରିବା ବାଟରେ ସ୍ଥାନୀୟ ଅଞ୍ଚଳର ୩ ଯୁବକ ତାଙ୍କ ଗାଡ଼ିକୁ ଅଟକାଇ ଯୁକ୍ତିତର୍କ କରିଥିଲେ। ପରେ ସେ ଆର୍‌ଆଇ ଅଫିସରେ ଥିବାବେଳେ ସେମାନେ ଆର୍‌ଆଇଙ୍କ ଚାମ୍ବରକୁ ବଳପୂର୍ବକ ପଶିଯାଇ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଥାନାରେ ମାମଲା (ନଂ. ୪/୨୩) ରୁଜୁ କରାଯାଇଛି। ରବିବାର ଭୋର ସମୟରେ ୨ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା ପରେ ନୋଟିସ୍ ଦେଇ ଛାଡ଼ି ଦିଆଯାଇଥିବା ଆଇଆଇସି ମୋନାଲିସା କର କହିଛନ୍ତି।

## ଯୁକ୍ତ ୨, ୩ ପ୍ରଥମ ବ୍ୟାଚ୍‌ର ବନ୍ଧୁମିଳନ

ଭଣ୍ଡାରିପୋଖରୀ, ୮।୧(ସ୍ୱ.ପ୍ର.)

ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଆଦମପୁର ଗ୍ରାମ୍ୟ ଜଙ୍ଗଲଠାରେ ଭଦ୍ରକ ଯୁକ୍ତ ୨ ଓ ୩ ପ୍ରଥମ ବ୍ୟାଚ୍‌ର ଦଶମ ବର୍ଷର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ତପନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ଖବରଦାତା ରବିନାରାୟଣ ଖିଲାର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ଜ୍ଞାନେନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ପୋଲିସ ଅଫିସର ସୁବାସ ମଲ୍ଲିକ, ପ୍ରଶାସନିକ ଅଧିକାରୀ ମନୋରଞ୍ଜନ ନାୟକ, ଶ୍ରୀକାନ୍ତ ସାହୁ, ଜୀବନ ରାଉତ, ପଦ୍ମନାଭ ଜେନା, ଅନିଲ ନାୟକ, ପ୍ରଦୀପ ରାୟ, ଅଧାପକ ସମର ନାୟକ, ଶରତ ମିଶ୍ର, ଶିକ୍ଷକ ରତିକାନ୍ତ ବେହେରା, ଆଇନଜୀବୀ ତାହେର ମହମ୍ମଦ, ସାହେବ ଦାସ, ଅଭଜିତ ମହାନ୍ତି, ଶାନ୍ତନୁ ଗୁହ, ସତ୍ୟ ମହାନ୍ତି, ତପନ ଦାସ, ପ୍ରଭାତ ବାରିକ, ମୁକ୍ତିକାନ୍ତ ନାୟକ, ମିନୁ ଶର୍ମା, ଟିଙ୍କୁ ମହାପାତ୍ର, ଗୌତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ବ୍ଲାକ୍‌ବେଲ୍ଟ ପରୀକ୍ଷାରେ କେନ୍ଦୁଝର କ୍ରୀଡ଼ାବିତ୍‌ଙ୍କ ସଫଳତା

କେନ୍ଦୁଝର,୮।୧(ସ୍ୱ.ପ୍ର./ଡି.ଏନ୍.ଏ)

ଓଡ଼ିଶା ଟାଏକୋଣ୍ଡୋ ଆସୋସିଏସନ ଏବଂ ଓଡ଼ିଶା ଟାଏକୋଣ୍ଡୋ ଟ୍ରେନିଂ ସେଣ୍ଟରର ମିଳିତ ଆନୁକୂଲ୍ୟରେ କଟକ ବାରବାଟି ଷ୍ଟାଡିୟମ କ୍ଲବ୍ ହାଉସ୍‌ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବ୍ଲାକ୍‌ବେଲ୍ଟ ପରୀକ୍ଷାରେ କେନ୍ଦୁଝରର କ୍ରୀଡ଼ାବିତ୍ ସଫଳତା ଅର୍ଜନ କରିଛନ୍ତି। କେନ୍ଦୁଝର ଆମେଚର ଟାଏକୋଣ୍ଡୋ ଆସେସିଏସନର କ୍ରୀଡ଼ାବିତ୍ ଆଦ୍ୟାଶା ଲାୟକ, ଲିପ୍ସା ପ୍ରିୟଦର୍ଶନୀ ମହାନ୍ତ, ଶ୍ରେୟାଶ୍ରୀ ଦାସ, ଆସ୍ଥାମଣୀ ମାଝୀ, ପାର୍ଥସାରଥି ସାହୁ, ଦେବରାଜ ସାହୁ, ଶୁଭମ ନାୟକ, ଏମ୍‌ଡି ସାହିଲ, ଅଭିନାଶ ନାଏକ, ଅଭିଜିତ୍ ନାୟକ ଓ ସୋନୁ ସାହୁ ରାଜ୍ୟସ୍ତରୀୟ ବ୍ଲାକ୍‌ବେଲ୍ଟ ପରୀକ୍ଷାରେ ପ୍ରଥମ ଶ୍ରେଣୀ ହାସଲ କରିଛନ୍ତି। ଓଡ଼ିଶା ଟାଏକୋଣ୍ଡୋ ଟ୍ରେନିଂ ସେଣ୍ଟର ଦ୍ୱାରା ପରଚାଳିତ ୭ ଡାନ୍ ବ୍ଲାକବେଲ୍ଟ ତଥା କ୍ଲାସ୍ ୱାନ ଅନ୍ତର୍ଜାତୀୟ ରେଫରୀ ଗ୍ରାଣ୍ଡ ମାଷ୍ଟର ଗୋପାଳ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼ ଓ ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ଆମେଚର ଟାଏକୋଣ୍ଡୋ ଆସୋସିଏସନର ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ସିନିୟର ବ୍ଲାକବେଲ୍ଟ ବିଜେତି ରଣଜିତ୍ ବେହେରା ସଂଯୋଜନା କରିଥିବା ବେଳେ ପ୍ରଶିକ୍ଷକ ବ୍ଲାକବେଲ୍ଟ ଟଙ୍କଧର ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ମନୋଜ ପାତ୍ର,ଏମଡି ସାକିଲ ପ୍ରମୁଖ ପରିଚାଳନା କରିଥିଲେ।




ପ୍ରଶିକ୍ଷକଙ୍କ ସହ କ୍ରୀଡ଼ାବିତ୍।

## ଗିଲିଦା ହାଇସ୍କୁଲର ବାର୍ଷିକୋତ୍ସବ

ବାହାନଗା,୮।୧(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣୀ ପଞ୍ଚାୟତର ଗିଲିଦା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଲକ୍ଷ୍ମୀଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ପୁରସ୍କାର ବିତରଣ ଉତ୍ସବ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ଛାତ୍ରୀଛାତ୍ରମାନେ ସତ୍‌ମାର୍ଗରେ ଚାଲିବା, ନମ୍ର ହେବା ଓ ପରିଶ୍ରମ କଲେ ଉତ୍ତମ ମଣିଷ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ଶିଅଳ ଏହି ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ଅନ୍ୟତମ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ଦିବାକର ରଥ, ଅବସରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଭାକର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲମ୍ବୋଦର ମିଶ୍ର, ଲକ୍ଷ୍ମୀଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ମଞ୍ଚ ସଂଯୋଜନା କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ରମଣିକାନ୍ତ ମିଶ୍ର। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା।

## କାର୍ଯ୍ୟକ୍ଷମ ହୋଇପାରୁନି ଚମ୍ପୁଆ ପାଠାଗାର

■ବିଦ୍ୟୁତ୍, ପାନୀୟ ଜଳ ସୁବିଧା ନାହିଁ
■ଏନ୍ଏସି ହାତକୁ ଯିବାର ୨ ମାସ ପୂରିଲା

ଚମ୍ପୁଆ,୮।୧(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ଥିବା ପାଠାଗାର କାର୍ଯ୍ୟକ୍ଷମ ହୋଇପାରୁନି। ୨ ମାସ ହେବ ଚମ୍ପୁଆ ଏନ୍ଏସିକୁ ଏହା ହସ୍ତାନ୍ତର କରାଯାଇଥିବା ବେଳେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ସୁବିଧା କରାଯାଇନାହିଁ। ଫଳରେ ପାଠାଗାର ଅଞ୍ଚଳର ଛାତ୍ରୀଛାତ୍ରଙ୍କ କାମରେ ଲାଗିପାରୁନି। ସୂଚନା ମୁତାବକ, ତତ୍‌କାଳୀନ ଉପଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ପ୍ରଚେଷ୍ଟାରେ ସ୍ଥାନୀୟ ପାଠକଙ୍କ ଦାବିକୁ ନେଇ ଜିଲା ଖଣିଜ ପାଣ୍ଠି ସହାୟତାରେ ୩୩ ଲକ୍ଷ ୪୩ ହଜାର ୪୬୨ ଟଙ୍କା ବ୍ୟୟ ଅଟକଳରେ ପାଠାଗାର କଚେରି ପଡ଼ିଆଠାରେ ନିର୍ମାଣ କରାଯାଇଥିଲା। ପାଠାଗାରଟି ୨ ମାସ ହେବ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଚମ୍ପୁଆ ଏନ୍ଏସିକୁ ହସ୍ତାନ୍ତର କରାଯାଇଛି। ମାତ୍ର ପାଠାଗାରରେ ବିଦ୍ୟୁତ୍, ପୁସ୍ତକ, ପାନୀୟ ଜଳ ବ୍ୟବସ୍ଥା ହୋଇପାରୁ ନ ଥିବାରୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ହସ୍ତାନ୍ତର ପରେ ଏନ୍ଏସି ପକ୍ଷରୁ ପୁସ୍ତକ ରଖିବା ପାଇଁ ଆଲମିରା ଓ ଟେବୁଲ, ଚେୟାର ଯୋଗାଇ ଦିଆଯାଇଥିବା ବେଳେ ପୁସ୍ତକ ନାହିଁ। ଏ ନେଇ ଅଞ୍ଚଳବାସୀ ବର୍ତ୍ତମାନର ଉପଜିଲାପାଳ ସୁକାନ୍ତ ମାଝିଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଏନ୍ଏସି ସହକାରୀ ଯନ୍ତ୍ରୀ ସୁଧାକର ଦାସଙ୍କୁ ଡକାଇ ସବିଶେଷ ବିଷୟ ବୁଝିଥିଲେ। ପରେ ନିଜେ ଯାଇ ଏହି ନୂତନ ଗୃହ ବୁଲି ଦେଖିବା ସହ ତୁରନ୍ତ ବିଦ୍ୟୁତ୍ ଏବଂ ପାଣି ସଂଯୋଗ, ପାଠାଗାର ମଧରେ ଉପାଦେୟ ଷ୍ଟିକରିଂ, ଛୋଟ ପିଲାମାନେ ଯେପରି ପାଠାଗାରର ସୁବିଧା ପାଇପାରିବେ ସେ ନେଇ ଆବଶ୍ୟକ ଉପକରଣ ଯୋଗାଇଦେବାକୁ ଏନଏସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାଠାଗାରରେ ରଖା ଯିବାକୁ ଥିବା ପୁସ୍ତକ, ମାଗାଜିନ୍ ଆଦିର ଆବଶ୍ୟକତା ସମ୍ବନ୍ଧରେ ତୁରନ୍ତ ଅବଗତ କରିବାକୁ ସୂଚନା ଦେଇଥିଲେ।



## ହାତ ମାରିଲେ ଉଠିଯାଉଛି ପିଚୁ

ରାସ୍ତା କାମ ନିମ୍ନମାନର

ମୋରଡ଼ା,୮।୧(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅନ୍ତର୍ଗତ କମାରଡ଼ିହା ଗ୍ରାମ ପଞ୍ଚାୟତର ରାଣୀସରାଇ ଗ୍ରାମର କାଛି ପିଡ୍‌ବ୍ଲୁଡି ରାସ୍ତାଠାରୁ ନାରାଙ୍ଗ ବାଜ ସଂଯୋଗ ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗର ରାସ୍ତା କାମ ନିମ୍ନମାନର ହୋଇଛି। କାମ କରିବାର ମାତ୍ର ୪ ଦିନ ପରେ ରାସ୍ତାରୁ ପିଚୁ ଉଠି ଗଲାଣି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରାସ୍ତାରେ ପଡ଼ିଥିବା ପିଚୁକୁ ଉଠାଯାଇ ପୁନର୍ବାର ଭଲ ଭାବେ ପିଚୁ ବିଛାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏବାବଦରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସଞ୍ଜୀବ ସେନାପତିଙ୍କୁ ପଚାରିବାରୁ ପ୍ରାୟ ତେର ଲକ୍ଷ ଅଟକଳରେ ହେଉଥିବା ଉକ୍ତ କାର୍ଯ୍ୟକୁ ସେ ନିଜେ ଅନୁଧ୍ୟାନ କରିଛନ୍ତି। କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ସେ ସ୍ୱୀକାର କରିଛନ୍ତି। ପୁନର୍ବାର ରାସ୍ତା କାର୍ଯ୍ୟ କରାଯିବ ବୋଲି ଠିକାଦାରଙ୍କୁ କହିଛନ୍ତି। ନଚେତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ନିମ୍ନମାନର କାମ ଅଧିକାରୀଙ୍କୁ ଦେଖାଉଛନ୍ତି ଗ୍ରାମବାସୀ।

## ହାଡ଼ଭଙ୍ଗା ଶୀତରେ ଥରୁଛି ପାଟଣା

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ୍ ଅଞ୍ଚଳରେ ୪ ଦିନ ହେବ ଶୀତର ଲହରୀ ଜାରି ରହିଛି। ଅସହ୍ୟ ଜାଡ଼ ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ଶନିବାର ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀକୁ ଖସି ଯାଇଥିଲା। ଲୋକେ ସକାଳ ୯ ଟା ପରେ ଘରୁ ପଦାକୁ ବାହାରିବା ସହ ସନ୍ଧ୍ୟା ୬ ହେଲେ ବଜାର ରାସ୍ତା ଘାଟ ଖାଁ ଖାଁ ରହୁଛି। ଆଉ ୨ ଦିନ ଶୀତର ଲହର ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କସୂଚନା ଦିଆଯାଇଛି। ଅସହ୍ୟ ଥଣ୍ଡା ଯୋଗୁ ବୃଦ୍ଧାବୃଦ୍ଧ ମାନେ ନାହିଁ ନଥିବାର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।



## ଆଜି କ'ଣ କେଉଁଠି

ଭଦ୍ରକ

- ହକି ବିଶ୍ୱକପ୍ ଟ୍ରଫି ପରିକ୍ରମା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା, ସ୍ଥାନ: ନେହେରୁ ଷ୍ଟାଡିୟମ, ସମୟ: ସକାଳ ୮ଟା ୪୫।

## ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ

ବନ୍ତ,୮।୧(ଡି.ଏନ୍.ଏ)-ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦାଠାରେ ରବିବାର ବରଡ଼େଶ୍ୱର ଭାଜପା ମଣ୍ଡଳ ସଭାପତି ନବକିଶୋର ବଳଙ୍କ ସଭାପତିତ୍ୱରେ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନମଣ୍ଡଳୀ ନେତା ବଦ୍ରି ନାରାୟଣ ଧଳ ଯୋଗଦେଇ ସଶକ୍ତ ମଣ୍ଡଳ ଓ ସକ୍ରିୟ ବୁଥ୍ କମିଟି ଗଠନ କରିବା ସହ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ସରପଞ୍ଚ ପ୍ରମୋଦ ଜେନା, ମାନସ ପହି, ପୂର୍ବତନ ସରପଞ୍ଚ ମନୋଜ ବିଶ୍ୱାଳ, ବରିଷ୍ଠ ନେତା ଶଙ୍କର୍ଷଣ ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ, ଜିତେନ୍ଦ୍ର ନାୟକ, ଧ୍ରୁବ ମାଝି, ତପନ ବାରିକ, ପୀତବାସ ଜେନା, ମହେଶ୍ୱର ସେଠୀ, ଲରେନ୍ସ ବେହେରା, ପଞ୍ଚାୟତ ସଭାପତି ଅନନ୍ତ ଲେଙ୍କା, ନିରଞ୍ଜନ ଭୂୟାଁ, ଲକ୍ଷ୍ମୀଧର ସାହାଣୀ ଓ ପଦ୍ମଲୋଚନ ପାତ୍ର ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ହୋଇଥିବା ଦୁର୍ନୀତି ଓ ସ୍ଥାନୀୟ ପ୍ରସଙ୍ଗକୁ ନେଇ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

## ବନ୍ଧୁମିଳନ ଉତ୍ସବରେ ଜନମଙ୍ଗଳ କାର୍ଯ୍ୟ ପାଇଁ ସଂକଳ୍ପ

ଭଦ୍ରକ ଅଫିସ, ୮।୧-ଚରମ୍ପାସ୍ଥିତ ଅଗ୍ରୱାଲ କଲ୍ୟାଣ ମଣ୍ଡପରେ ଭଦ୍ରକ ମହାବିଦ୍ୟାଳୟର ୧୯୮୨ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ୪ର୍ଥ ବର୍ଷ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଅଭିମନ୍ୟୁ ବେହେରା ଏବଂ ଅରୁଣ ଲାଖନୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବନ୍ଧୁମାନେ ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ କରିବା ସହ ସହ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ନିଜସ୍ୱ ଉଦ୍ୟମରେ କିଛି ଜନ ମଙ୍ଗଳ କାର୍ଯ୍ୟ କରିବାକୁ ସେମାନେ ସଂକଳ୍ପ ନେଇଥିଲେ। ମହେଶ ନାୟକ, ରମେଶ ବାରିକ, ଆଦିତ୍ୟ ମିଶ୍ର, ଧୀର ସାହୁ, କୈଳାସ ବାରିକ, ରାମନାରାୟଣ ରାୟ, ପ୍ରତାପ ଦାସ, ଆଶିଷ ଗୋସ୍ୱାମୀ, ଭାସ୍କର ପାଢ଼ୀ, ଉର୍ମିଳା ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷାବିତ୍ ବିଦ୍ୟାଧର ରଥଙ୍କ ଦେହାନ୍ତ

ବାହାନଗା,୮।୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ରଥ(୯୨)ଙ୍କର ପରଲୋକ ହୋଇଛି। ଦୀର୍ଘ ୪୦ ବର୍ଷ ଧରି ସେ ଗୋପାଳପୁର ମଣିଭଦ୍ର ଏମ୍ଇ ସ୍କୁଲରେ ଶିକ୍ଷକତା କରିଥିଲେ।



ଅବସର ପରେ ସେ ବିଭିନ୍ନ ସାହିତ୍ୟାନୁଷ୍ଠାନ, ଗୋପାଳପୁର ମହାବିଦ୍ୟାଳୟ ସମେତ ଅନ୍ୟାନ୍ୟ ଅନୁଷ୍ଠାନ ସହ ଜଡିତ ଥିଲେ। ତାଙ୍କ ରଚିତ ୩ଟି କବିତା ଓ ଗଳ୍ପ ପୁସ୍ତକ ପ୍ରକାଶତି ହୋଇଛି। ତାଙ୍କ ଘର କଲ୍ୟାଣୀ ପଞ୍ଚାୟତର ଗିଳିଦା ଗ୍ରାମରେ ହୋଇଥିଲେ ମଧ ସେ ଗୋପାଳପୁର ପଞ୍ଚାୟତର ଜୁଣିଆଁଠାରେ ପରିବାର ସହିତ ରହୁଥିଲେ। ତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୭୦୦ ଛାତ୍ରୀଛାତ୍ରରେ ୬ ଶିକ୍ଷକ

**କମାର ଯୋଡ଼ା ୟୁଜିଏମ୍ଇ ସ୍କୁଲ**

- ଖାଦ୍ୟ ନିମ୍ନମାନର ଅଭିଯୋଗ
- ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କଲେ ଅଭିଭାବକ

ଯୋଡ଼ା,୮।୧(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ସହରର ୧୧ନଂ. ୱାର୍ଡରେ ଥିବା କମାର ଯୋଡ଼ା ୟୁଜିଏମଇ ସ୍କୁଲ ସମସ୍ୟା ଘେରରେ ରହିଛି। ଦୀର୍ଘ ଦିନ ହେବ ଶିକ୍ଷକ ଅଭାବ ଲାଗି ରହିଥିବାରୁ ପାଠପଢ଼ାରେ ସମସ୍ୟା ଉପୁଜୁଛି। ଏଥିସହ ମଧ୍ୟାହ୍ନ ଭୋଜନ ନିମ୍ନମାନର ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ଅଭିଭାବକ ଶିକ୍ଷାଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଶେଷରେ ନିରାଶ ହୋଇ ସ୍ଥାନୀୟ କାଉନ୍ସିଲର ବରୁଣ ଆପଟଙ୍କ ସହିତ ୱାର୍ଡବାସୀ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ସ୍କୁଲ୍‌ରେ ପ୍ରାୟ ୭୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୩୦ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁସାରେ ପ୍ରାୟ ୨୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇବା କଥା। ମାତ୍ର ଦୀର୍ଘ ବର୍ଷ ହେଲା ମାତ୍ର ୮ ଜଣ ଶିକ୍ଷକରେ ଶିକ୍ଷାଦାନ ଚାଲିଥିଲା। କିଛି ଦିନ ପୂର୍ବରୁ ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। ଏବେ ମାତ୍ର ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକରେ ପଢ଼ା ହେଉଛି। ଫଳରେ ଛାତ୍ରୀଛାତ୍ରଙ୍କ ପଢ଼ାରେ ସମସ୍ୟା ଦେଖାଯାଉଛି। ସେହିପରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନମାନୀ ଯୋଗୁ ମଧ୍ୟାହ୍ନ ଭୋଜନରେ ନିମ୍ନମାନର ଖାଦ୍ୟ ଦିଆ ଯାଉଥିବା ମଧ ଅଭିଯୋଗ ହେଉଛି। ଏନେଇ ଅଭିଭାବକ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଯୋଡ଼ା ବ୍ଲକ୍ ଶିକ୍ଷାଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ବିଭାଗୀୟ ତଦନ୍ତ ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏ ନେଇ ସ୍ଥାନୀୟ କାଉନ୍ସିଲର ଆପଟ କହିଛନ୍ତି, ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଛି। ଅଧିକ ଉପସ୍ଥାନ ଦର୍ଶାଇ ହରିଲୁଟ୍ ହେଉଛି। ସ୍କୁଲ୍‌ର ଶିକ୍ଷ୍ୟା କମିଟି ସଭାପତିଙ୍କଠାରୁ ଖାଲି ଚେକ୍‌ରେ ଦସ୍ତଖତ କରି ମିଥ୍ୟା ବିଲ ଉଠାଉଥିବା କହିଥିଲେ। ଚମ୍ପୁଆ ବିଧାୟିକା କହିଛନ୍ତି, ଯୋଡ଼ା ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଏହାର ତଦାରଖ କରିବା ପାଇଁ କହିଛି। ସ୍କୁଲ ର ସମସ୍ୟା କିପରି ସ୍ଥାୟୀ ସମାଧାନ ହେବ, ଏ ନେଇ ସେ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ମଧ କହିଥିଲେ। ଯୋଡ଼ା ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା କହିଛନ୍ତି, ଗତ ୨୦୧୮ରୁ ସରକାର ନୂତନ ଶିକ୍ଷକ ନିଯୁକ୍ତି ଦେଇ ନାହାନ୍ତି। ଫଳରେ ସବୁ ସ୍କୁଲରେ ଶିକ୍ଷକ ପଦବୀ ଖାଲି ରହିଛି ବୋଲି କହିଥିଲେ। ଖାଦ୍ୟ ନିମ୍ନମାନର ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ତଦନ୍ତ କରିଥିବାରୁ ସେ ଏବ ବିଷୟରେ ମୁହଁ ଖୋଲି ନ ଥିଲେ। ଘଟଣାରେ ଜଣେ ଓଏଏସ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## 'ରୂପାନ୍ତରଣ ପରେ ଶିକ୍ଷା ବ୍ୟବସ୍ଥା ସୁଦୃଢ ହୋଇଛି'




ଅତିଥିଙ୍କ ସମ୍ମୁଖରେ ଜଣେ ଛାତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

**ଖଇରା ହାଇସ୍କୁଲର ସାମ୍ବତ୍ସରିକ ଉତ୍ସବ**

ଖଇରା,୮।୧(ଡି.ଏନ୍.ଏ.)

ସରକାରଙ୍କ ୫-ଟି ବ୍ୟବସ୍ଥାରେ ଅଧିକାଂଶ ସ୍କୁଲକୁ ରୂପାନ୍ତରଣ କରାଯାଇଛି। ଏହା ପ୍ରଚଳନ ପରେ ଶିକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ ହୋଇ ପାରିଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଶୁକ୍ରବାର ବାଲେଶ୍ୱର ଜିଲା ଅଧୀନ ଖଇରା ସରକାରୀ ହାଇସ୍କୁଲର ସାମ୍ବତ୍ସରିକ ଉତ୍ସବରେ ଯୋଗଦେଇ ସେ ଏହା ଉଲ୍ଲେଖ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପାଣିଗ୍ରାହୀ ମୁଖ୍ୟଅତିଥି, ପୁରାତନ ଛାତ୍ର ପରିଷଦ ସଭାପତି ମୁକ୍ତିକାନ୍ତ ଶତପଥୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ, ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ବାର୍ଷିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଚିତ୍ରକଳା ପ୍ରତିଯୋଗିତା

ଧାମନଗର, ୮।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କରଦା ପଞ୍ଚାୟତ ସାପୁଆ ପାଟଣାସ୍ଥିତ ଦି ମଦର ଟ୍ୟୁଟରିଆଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରକଳା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ପଞ୍ଚମ ସବ୍‌ଜୁନିୟର, ଷଷ୍ଠରୁ ଅଷ୍ଟମ ଜୁନିୟର, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସିନିୟର ବିଭାଗ କରାଯାଇ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ହେଲେ ଓମ୍ ସାହୁ, ସ୍ୱାଗତିକା ପତି ଓ ଅଜିତ କୁମାର ଦାଶ। ଅପରାହ୍ନରେ ଅନୁଷ୍ଠାନର ମୁଖ୍ୟ ସୌମ୍ୟରଞ୍ଜନ ସାହୁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ମନୋଜ କୁମାର ଜେନା ଓ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ପ୍ରଭାତ କୁମାର ସାମଲ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଦନ୍ତା ପାଇଁ ବନ ବିଭାଗ ନାକେଦମ୍



ଗୋପବନ୍ଧୁ ନଗର, ୮।୧ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜରୁ ବଡ଼ସାହି ବ୍ଲକ ଭୀମଦା ଅଞ୍ଚଳ ଦେଇ ଏକ ଗୋଠଛଡ଼ା ଦନ୍ତା ରବିବାର ଗୋପବନ୍ଧୁନଗର ବ୍ଲକ ଧାଉଁଡିଆ ସଂରକ୍ଷିତ ଜଙ୍ଗଲକୁ ପଶିଥିଲା। ଏହି ଦନ୍ତା ପାଇଁ ବନ ବିଭାଗକୁ ଦିନତମାମ ନାକେଦମ୍ ହେବାକୁ ପଡ଼ିଛି। ଦନ୍ତାଟି ସକାଳେ ଉକ୍ତ ଜଙ୍ଗଲକୁ ପଶି ବୁଲାବୁଲି କରିଥିଲା। ପରେ ଅପରାହ୍ନ ପ୍ରାୟ ୩ଟା ବେଳେ ସ୍ଥାନୀୟ ବଡ଼ବଧା ଗ୍ରାମକୁ ପଶି ବାଡ଼ି ବଗିଚାରେ ଗଛ, ପରିବା ନଷ୍ଟ କରିଥିଲା। ଖବରପାଇ ଉଦଳା, ବଡ଼ସାହି ଓ କୁଆମରା ବନ ବିଭାଗ ପହଞ୍ଚି ହାତୀ ଗତିବିଧିକୁ ଲକ୍ଷ୍ୟ କରି ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇପାରି ନ ଥିଲେ। ସନ୍ଧ୍ୟା ୭ଟାରେ ଆରପଟା-କାଂଶ ରାସ୍ତା ଦେଇ ଦନ୍ତା ନୀଳଗିରି ମୁହାଁ ହୋଇଥିଲା। ତେବେ ହାତୀ ପାଇଁ ବିଦ୍ୟୁତ୍ କାଟ୍ ଜାରି ରହିଛି। ଦନ୍ତା ପୁଣି ଲେଉଟିବାକୁ ନେଇ ଉକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଗରିବ, ଅସହାୟଙ୍କୁ କମ୍ବଳ ବଣ୍ଟନ

ବାଲିଆପାଳ,୮।୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ ରବିବାର ସୁବର୍ଣ୍ଣରେଖା ହାଇସ୍କୁଲ ପରିସରରେ ଗରିବ ଓ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କ୍ଲବର ସଭାପତି ଲାୟନ ଅଜୟ କୁମାର ସାହୁ, ସମ୍ପାଦକ ଲାୟନ ତରୁଣ କୁମାର ମହାପାତ୍ର, ଜୋନାଲ ଚେୟାରପରସନ ଲାୟନ ନବୀନ କୁମାର ପାତ୍ର, କୋଷାଧ୍ୟକ୍ଷ ଲାୟନ ଭୁବନ ମୋହନ ପିଳା, ଲାୟନ ଡ. ଗୟରାମ ଗଙ୍ଗାଇ, ଲାୟନ ଗୋବିନ୍ଦ ପ୍ରସାଦ ଦାସ, ଲାୟନ ଇଂ. ଦାମୋଦର ଗିରି, ଲାୟନ ଜ୍ୟୋତିଶଙ୍କର ଭୂୟାଁ, ଲାୟନ ସଞ୍ଜୟ କୁମାର ଜେନା, ଲାୟନ ବିନୋଦ କୁମାର ଜେନା, ଲାୟନ ଜାମିନିକାନ୍ତ ରାଉତ, ଲାୟନ ପ୍ରଦୀପ କୁମାର ଧଳ, ଲାୟନ ସତ୍ୟ ଅଞ୍ଜନ ଦେ, ଖବରଦାତା ଦିଲ୍ଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ।

## ପ୍ରଥମ ସେମିରେ ଆଦର୍ଶ କ୍ଲବ ବିଜୟୀ

ଖଇରା,୮।୧(ଡି.ଏନ.ଏ)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡ଼ିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ରବିବାର କଟକର ଜୁଭେନାଇଲ କ୍ରିକେଟ ଟିମ ଓ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି କଟକ ୧୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୧ରନ ସଂଗ୍ରହ କରିଥିଲା। ଜବାବରେ ବାଲେଶ୍ୱର ୧୩ଓଭରରେ ୪ଉଇକେଟ ହରାଇ ବିଜୟୀ ହେବା ସହ ଫାଇନାଲକୁ ଉନ୍ନିତ ହୋଇଥିଲା। ବାଲେଶ୍ୱରର ଶୈଖର ମାଝିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ଉଦୟଭାନୁ ପତି, ମୁନା ଜେନା, ଅଭିମନ୍ୟୁ ରାଉଳ ଭାସ୍ୟକାର ଦାୟିତ୍ୱରେ ଏବଂ ସାର୍ଥକ ରଞ୍ଜନ ବିଶ୍ୱାଳ ଓ ଲଲାଟ କେଶରୀ ନନ୍ଦ ଖେଳ ପରିଚାଳନା କରିଥିଲେ।

## ଶିଶୁକନ୍ୟାଙ୍କୁ ହତ୍ୟା ଅଭିଯୋଗ

ବାଲେଶ୍ୱର ଅଫିସ,୮।୧

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ଭୂଇଁପଡ଼ା ଗ୍ରାମର ଅନାଦି ଦାଶଙ୍କ ଘରେ କାମ କରୁଥିବା ଜଣେ ମହିଳାଙ୍କ ୨ ବର୍ଷର ଶିଶୁକନ୍ୟାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅନାଦିଙ୍କ ପୁଅ ମନୋଜ ତାଙ୍କୁ ହତ୍ୟା କରିଥିବା ମହିଳା ଜଣକ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ରବିବାର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅଭିଯୋଗ ଅନୁଯାୟୀ, ମହିଳା ଜଣକ ସଦର ବ୍ଲକ ଅଧୀନ ଓଡ଼ଙ୍ଗୀ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ଘରୋଇ କଳହରୁ ଅନ୍ତଃସତ୍ତ୍ୱା ଥିବାବେଳେ ସ୍ୱାମୀ ତାଙ୍କୁ ଘରୁ ବାହାର କରିଦେଇଥିଲେ। ସହରରେ ବୁଲି କାମଧନ୍ଦା କରି ପେଟ ପୋଷିବା ସହ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଗତ ୨୫/୨୬ ଦିନ ପୂର୍ବରୁ ଶେରଗଡ଼ ସ୍ଥିତ ଭୂଇଁପଡ଼ା ଗ୍ରାମର ଅନାଦି ଦାଶଙ୍କ ଘରେ କାମ ପାଇଁ ରହିଥିଲେ। ଅନାଦିଙ୍କ ବଡ଼ପୁଅ ମନୋଜ ତାଙ୍କୁ ପ୍ରେମ ନିବେଦନ କରିବା ସହ ଅନୈତିକ ସମ୍ପର୍କ ରଖିଆସୁଥିଲେ। ପିଲାଟିକୁ ଜୀବନରୁ ମାରିଦେବା ପରେ ତାଙ୍କୁ ବିବାହ କରିବା ପାଇଁ ବାରମ୍ବାର ପ୍ରବର୍ତ୍ତାଉଥିଲେ। ଗତ ୭ ତାରିଖ ମଧ୍ୟାହ୍ନ ସମୟରେ ମହିଳା ଜଣକ ମନୋଜଙ୍କ ମା'ଙ୍କ ନିକଟକୁ ଯାଇଥିବା ବେଳେ ପିଲାଟି ଘରେ ଥିଲା। କିଛି ସମୟ ପରେ ଶିଶୁକନ୍ୟାଟି ମୃତ ଅବସ୍ଥାରେ ଘର ଅଗଣାରେ ଥିବା ଏକ ଗଛ ମୂଳରେ ପଡ଼ିଥିବା ମନୋଜ ପାଟି କରି ଡାକ ପକାଇଥିଲେ। ମହିଳା ଜଣକ ସଙ୍ଗେ ସଙ୍ଗେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିବା ଶିଶୁକନ୍ୟାଙ୍କୁ ପ୍ରଥମେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନୀଳଗିରି ଡାକ୍ତରଖାନା ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଶିଶୁକନ୍ୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ମହିଳା ଜଣକ ତାଙ୍କ ଝିଅକୁ ମନୋଜ ମାରି ଦେଇଥିବା ନେଇ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିଥିଲେ। ତେବେ ଥାନାଧିକାରୀ ତାଙ୍କୁ ଶେରଗଡ଼ ଫାଣ୍ଡିକୁ ପଠାଇ ଦେଇଥିଲେ। ଶେରଗଡ଼ ଫାଣ୍ଡି ଅଧିକାରୀ ମଧ ପ୍ରମାଣ ପାଇଁ ସାକ୍ଷୀ ଆଣିବାକୁ କହି ଫେରାଇ ଦେବା ପରେ ନିରାଶ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଶବ ବ୍ୟବଚ୍ଛେଦ କେନ୍ଦ୍ରରେ ପହଞ୍ଚି କାନ୍ଦୁଥିବା ବେଳେ ଘଟଣା ସାମ୍ନାକୁ ଆସିଥିଲା। ଏହାପରେ ହସ୍ପିଟାଲ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଖନ୍ତାପଡ଼ା ଥାନାକୁ ଜଣାଇଥିଲେ। ଶେରଗଡ଼ ଫାଣ୍ଡି ଏଏସ୍‌ଆଇ କୁମାର କିସ୍କୁ ଶବ ବ୍ୟବଚ୍ଛେଦ କେନ୍ଦ୍ର ନିକଟରେ ପହଞ୍ଚିଥିଲେ। ଶବ ବ୍ୟବଚ୍ଛେଦ ପରେ ଉକ୍ତ ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇ ତଦନ୍ତ କରାଯିବା ବୋଲି ସେ ପ୍ରକାଶ କରିଛନ୍ତି।

## ଜଗତ-ଜୀବନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ



ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ କ୍ରିକେଟ ଖେଳୁଛନ୍ତି।

ପଦ୍ମପୁର,୮।୧ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ରାଜଘରପୋଖରୀଠାରେ ଜଗତ-ଜୀବନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ବୀଣାଦଣ୍ଡା ରେନ୍‌ବୋ ଓ ସ୍ପର୍ଟିଂ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟକୁ ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡ଼େଇ, ହରେକୃଷ୍ଣ ପଣ୍ଡା, ସରପଞ୍ଚ ଅରୁଣ କୁମାର ମହାନ୍ତି, ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ରାଜ୍ୟ ସଂଯୋଜକ ଉମାକାନ୍ତ ନାୟକ, ସଚିନ ଆଚାର୍ଯ୍ୟ, ବିଜୟ ତରାଇ, ଦେବେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ୮ଦିନ ଧରି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାକୁ ଥିବାବେଳେ ୧୬ ଟିମ୍ ଅଂଶଗ୍ରହଣ କରିଛନ୍ତି।

## ମା' ଗଡ଼ମଙ୍ଗଳା କ୍ଲବ ଚାମ୍ପିୟନ

ଲଙ୍ଗଳେଶ୍ୱର, ୮।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବୋଲଂ ଗ୍ରାମରେ ପଞ୍ଚାୟତସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ୭ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ମା' ମନସା ଗ୍ୟାଙ୍ଗ ଅଫ ୱାରିଅର ଏବଂ ମା' ଗଡ଼ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମା' ଗଡ଼ମଙ୍ଗଳା କ୍ଲବ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟକୁ ବୋଲଂ ପଞ୍ଚାୟତର ବିଜେଡି ସଭାପତି ଯୁଗେନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ସରପଞ୍ଚ ପ୍ରତିନିଧି କାର୍ତ୍ତିକ ମଲ୍ଲିକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମିତିସଭ୍ୟ ପ୍ରତିନିଧି ତପନ ରାଉତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ରୂପେ ଗୌତମ ପାତ୍ର, ସୁକୁମାର ସାହୁ, ରବୀନ୍ଦ୍ର ବେହେରା, ଗଙ୍ଗାଧର ବେହେରା, ପ୍ରକାଶ ମହାନ୍ତି, ହରିଶଙ୍କର ମଲ୍ଲିକ, ଲକ୍ଷ୍ମୀଧର ମଲ୍ଲିକ ଏବଂ ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ରାଜେନ୍ଦ୍ର ବାରିକ, ଅଜିତ ମହାପାତ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସାମାଜିକ କର୍ମୀ ସପନ କୁମାର ରାଉତ ବିଜେତା ଦଳକୁ ଟ୍ରଫି ପ୍ରଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଫାଇନାଲରେ ଖଡ଼ଗପୁରକୁ ହରାଇଲା ଭୁବନେଶ୍ୱର

**ମା' ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟ**

ଆନନ୍ଦପୁର/ଘସିପୁରା,୮।୧ (ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ପଡ଼ିଆ ପରିସରରେ ଅନୁଷ୍ଠିତ ୨୭ତମ ମା' ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ କାରା ଇଲେଭେନ୍ ଖଡ଼ଗପୁରକୁ ପରାସ୍ତ କରି ଭୁବନେଶ୍ୱରର ସାଇ ୧୧ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି। କାରା ଇଲେଭେନ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୫ ଓଭରରେ ୮ ଉଇକେଟ୍ ହରାଇ ୨୫୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନୁରାଗ ସଞ୍ଜୟ ୭୬ ରନ୍, ବିପିନ ସିଂ ୫୯ ରନ୍ ସଂଗ୍ରହ କରିଥିଲେ। ଜବାବରେ ସାଇ ଇଲେଭେନ୍ ୧୯.୧ ଓଭରରେ ୪ ଉଇକେଟ୍‌ରେ ୨୫୭ ରନ୍ କରି ବିଜୟୀ ହେବା ସହିତ ଚାମ୍ପିୟନ୍ ହୋଇଥିଲେ। ଦଳ ପକ୍ଷରୁ ସିଦ୍ଧାର୍ଥ ଜେନା ୧୩୨, ବିପ୍ଳବ ସାମନ୍ତରାୟ ୧୦୭ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ ଦି ମ୍ୟାଚ, ଅନୁରାଗ ସଞ୍ଜୟ ମ୍ୟାନ ଅଫ ଦି ସିରିଜ୍ ହୋଇଥିଲେ। ପ୍ରାଣନାଥ ଜେନା ଓ ରମେଶ ମହାରଣା ପରିଚାଳନା କରିଥିଲେ। ମନୋରଞ୍ଜନ ମିଶ୍ର ଓ ସରୋଜ ଦଳେଇ ସ୍କୋରର ଏବଂ ଭାଷ୍ୟକାର ଭାବେ ବୁବୁ ସିହ୍ନା ଦାୟିତ୍ୱ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ୍‌ର ସଭାପତି ପ୍ରସନ୍ନଜିତ୍ ପଟ୍ଟନାୟକ, ସମ୍ପାଦକ ନାରାୟଣ ସାହୁ, ମାନସ ସାହୁ, ଜ୍ୟୋତିର୍ମୟ ଦାଶ, ସୌମିତ୍ର ସାହୁ, ତୋଫାନ ସାହୁ, ଦିବ୍ୟଶ୍ରୀ ଓଝା, ଦେବଦତ ନାୟକ, ଶୁଭପ୍ରକାଶ ସାହୁ, ଏସ୍‌କେ ସାହିଦ୍, ରାକେଶ ସାହୁ ପ୍ରମୁଖ ସଦସ୍ଯ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଖଜୁରିଆ କ୍ଲବ ନେପାଳ ଚାମ୍ପିୟନ

**ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବାସୁଦେବପୁର,୮।୧ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସୁଙ୍ଗୁଡ଼ାସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଶ୍ରୀଗଣେଶ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨-୧ ଗୋଲ୍‌ରେ ଟାଉନ କ୍ଲବ ଲକ୍ଷ୍ମଣନାଥକୁ ହରାଇ ଖଜୁରିଆ କ୍ଲବ ନେପାଳ ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ଅନ୍ୟତମ ଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, କୋଲକାତାର ଶିଳ୍ପପତି ସିଦ୍ଧାର୍ଥ ସକ୍ସସେରିଆ, ସାମାଜିକ କର୍ମୀ ବସନ୍ତ ନାୟକ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସରପଞ୍ଚ ଭାଗୀରଥି ବଳ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବର ସଭାପତି ଗୌରାଙ୍ଗ ଚନ୍ଦ୍ର ନାୟକ ସଭାରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଦେବଦର୍ଶନ ଦାସ ମଞ୍ଚ ପରିଚାଳନା ଓ ଉଦୟ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ହୃଷିକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ୧୪ ବର୍ଷରୁ କମ୍ ବାଳିକା ଓ ୧୭ ବର୍ଷରୁ କମ୍ ବାଳକ ଖୋଖୋ ଟିମ୍ ଚୟନ

କେନ୍ଦୁଝର,୮।୧(ଡି.ଏନ୍.ଏ)

୧୪ ଓ ୧୭ ବର୍ଷରୁ କମ୍ ବାଳକ ବାଳିକାଙ୍କର ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା କେନ୍ଦୁଝର ଷ୍ଟାଡ଼ିୟମ୍, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ ଏବଂ ମାଇନିଂ ସ୍କୁଲ୍ ଖେଳ ପଡ଼ିଆରେ ଚାଲିଛି। ପ୍ରତିଯୋଗିତାରେ ଜିଲାର ସମସ୍ତ ୧୩ଟି ବ୍ଲକ୍‌ରୁ ୧୪ ଓ ୧୭ବର୍ଷରୁ କମ୍ ବାଳକ ବାଳିକା ଭାଗ ନେଉଛନ୍ତି। ହକି, ଖୋଖୋ, କବାଡ଼ି, ଆଥ୍‌ଲେଟିକ୍ସ, କ୍ରିକେଟ୍ ଖେଳ ଅନୁଷ୍ଠିତ ହେଉଛି। ରବିବାର ଦିନ ଖୋଖୋରେ ୧୪ ବର୍ଷରୁ କମ ବାଳିକା ଏବଂ ୧୭ ବର୍ଷରୁ କମ ବାଳକ ବିଭାଗରେ ଜିଲାସ୍ତରୀୟ ଟିମ୍ ଚୟନ କରାଯାଇଛି। ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ୧୭ ବର୍ଷରୁ କମ ବାଳକ ବିଭାଗର କ୍ରିକେଟ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରତିଯୋଗିତାକୁ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ମ୍ୟାଚ୍ ବାଂଶପାଳ ଓ ଝୁମ୍ପୁରା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଂଶପାଳ ଟିମ୍ ୮ ଉଇକେଟରେ ବିଜୟ ଲାଭ କରିଛି। ଟସ୍ ଜିତି ବାଂଶପାଳ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ୧୦ ଓଭର ବିଶିଷ୍ଟ ମ୍ୟାଚରେ ଝୁମ୍ପୁରା ୯.୨ ଓଭରରେ ୫୩ ରନ କରି ଅଲଆଉଟ ହୋଇଥିଲା। ଦ୍ୱିତୀୟରେ ବାଂଶପାଳ ଟିମ୍ ବ୍ୟାଟିଂ କରି ଧାର୍ଯ୍ୟ ଲକ୍ଷ୍ୟକୁ ୬.୪ ଓଭରରେ ୨ ଉଇକେଟ ବିନିମୟରେ ୫୪ ରନ କରି ପୂରଣ କରିଥିଲେ। ବାଂଶପାଳ ଟିମ୍‌ର ବିଶ୍ୱଭୂଷଣ ବାରିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ସମରଜିତ ସିଂ ଓ ସୌଜନ୍ୟ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ସୁରେଶ ପଲେଇ ଓ ସଂଗ୍ରାମ କିସ୍କୁ ସ୍କୋରର ଦାୟିତ୍ୱ ସମ୍ପାଦନ କରିଥିଲେ। କ୍ରିକେଟ୍ ମ୍ୟାଚରେ ସୁରେଶ ଚନ୍ଦ୍ର ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ।

